# NATIONAL NEWS BULLETIN (ODIA)

## 2 October - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରତିବର୍ଷ ଅତି କମ୍‌ରେ ୫ ହଜାର ଟଙ୍କାର ଖଦି ଉତ୍ପାଦନ କିଣିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ବୈଦ୍ୟୁତିକ ଉପକରଣ ଉତ୍ପାଦନ ଯୋଜନାରେ ହସ୍ତଗତ ହୋଇଛି ୧ ଲକ୍ଷ ୧୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନିବେଶ ପ୍ରସ୍ତାବ ।
- ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଗଲା ଜାତୀୟ ଧନନ୍ତ୍ୱରୀ ଆୟୁର୍ବେଦ ପୁରସ୍କାର ୨୦୨୫ ।
- ଛତିଶଗଡ଼ ବିଜାପୁର ଜିଲ୍ଲାରେ ୧୦୩ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ ।

ଏବଂ

- ଅହମ୍ମଦାବାଦ ଟେଷ୍ଟରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଭାରତ ପ୍ରଥମ ଇନିଂସରେ ୨ ଖ୍ୱିକେଟ୍‌ରେ ସଂଗ୍ରହ କରିଛି ୧୨୧ ରନ୍ ।

# ଅମିତ ଶାହା-ଖଦି

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଶବାସୀଙ୍କୁ ପ୍ରତିବର୍ଷ ଅତି କମ୍‌ରେ ୫ ହଜାର ଟଙ୍କାର ଖଦି ଉତ୍ପାଦ କିଣିବାକୁ ଆହ୍ୱାନ ଦେଇଛନ୍ତି । ଏଭଳି ପଦକ୍ଷେପ ନିଯୁକ୍ତି କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସହ ଅର୍ଥନୈତିକ ପ୍ରଗତି ହାସଲ ହେବ ବୋଲି ଶ୍ରୀ ଶାହା କହିଛନ୍ତି । ନୂଆଦିଲ୍ଲୀରେ ଆଜି ଖଦି ଉତ୍ପାଦ ଉପରେ ଦେଶବ୍ୟାପି ରିହାତି ବିକ୍ରୟ ଆରମ୍ଭ କରିବା ପରିପ୍ରେକ୍ଷୀରେ ଗଣମାଧ୍ୟମ ସହ ଆଲୋଚନା କାଳରେ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଖଦି ଓ ଗ୍ରାମୋଦ୍ୟୋଗ ଉତ୍ପାଦର ବିକ୍ରୟ ୫ ଗୁଣ ବୃଦ୍ଧି ପାଇଛି । ୩୩ ହଜାର କୋଟି ଟଙ୍କାରୁ ବୃଦ୍ଧି ପାଇ ଏହା ୧ ଲକ୍ଷ ୭୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ମନ୍ କି ବାତ୍ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱଦେଶୀ ଚିନ୍ତାଧାରା ପ୍ରୋତ୍ସାହନ ପ୍ରଦାନ କରିବା ସହ ଦେଶବାସୀଙ୍କୁ ଅର୍ଥନୈତିକ ବିକାଶରେ ସହଭାଗି ହେବାକୁ ପ୍ରେରଣା ଦେଇଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

ଖଦି ମହୋତ୍ସବ ୨୦୨୫ ଅବସରରେ ଆଜିଠାରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଖଦି ପୋଷାକ ଉପରେ ୨୦ ପ୍ରତିଶତ ଏବଂ ଖଦି ଗ୍ରାମୋଦ୍ୟୋଗ ଉତ୍ପାଦ ଉପରେ ୧୦ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି ।

## ପିଏମ୍-ଗାନ୍ଧି ସ୍ମୃତି

ଜାତିର ପିତା ମହାତ୍ମା ଗାନ୍ଧିଙ୍କ ୧୫୬ତମ ଜନ୍ମ ବାର୍ଷିକୀ ଅବସରରେ ସମଗ୍ର ଦେଶ ଆଜି ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି । ଦେଶବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଆଜି ସନ୍ଧ୍ୟାରେ ଗାନ୍ଧି ସ୍ମୃତି ସର୍ବଧର୍ମ ପ୍ରାର୍ଥନା ସଭାରେ ଯୋଗ ଦେଇ ବାପୁଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଭଜନ ଗାୟକ ଅନୁପ ଯଗୋଟା ଏବଂ ବହୁ ବିଦ୍ୟାଳୟ ଛାତ୍ରଛାତ୍ରୀ ଏହି ଅବସରରେ ଭଜନପାଠ କରିଥିଲେ । ଆଜିର ଦିବସକୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ ମଧ୍ୟ ପାଳନ କରାଯାଉଛି ।

## ଅଶ୍ୱିନୀ ବୈଷ୍ଣବ

ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ବୈଦ୍ୟୁତିକ ଉପକରଣ ଉତ୍ପାଦନ ଯୋଜନାରେ ଘରୋଇ ଏବଂ ଆନ୍ତର୍ଜାତିକ ଶିଳ୍ପ ସଂସ୍ଥା ପକ୍ଷରୁ ଆଗ୍ରହ ପ୍ରକାଶ ପାଇଛି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଯୋଜନା ଅଧୀନରେ ସରକାରଙ୍କୁ ୧ ଲକ୍ଷ ୧୫ ହଜାର ୩୫୧ କୋଟି ଟଙ୍କାର ନିବେଶ ଆବେଦନ ପତ୍ର ମିଳିଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଗତ ୩୦ ତାରିଖ ଆବେଦନ କରିବାର ଶେଷ ତାରିଖ ସୁଦ୍ଧା ଏହି ନିବେଶ

ପ୍ରସ୍ତାବ ହସ୍ତଗତ ହୋଇଛି । ଗତ ୧୧ ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ସୃଷ୍ଟି ହୋଇଥିବା ବିଶ୍ୱାସ' ନିବେଶ, ନିଯୁକ୍ତି ଏବଂ ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହିତ କରିଛି । ଶ୍ରୀ ବୈଷ୍ଣବ କହିଛନ୍ତି, ୫୯ ହଜାର ୩୫୦ କୋଟି ଟଙ୍କା ନିବେଶ ଆଧାରରେ ଏହି ଆବେଦନପତ୍ରଗୁଡ଼ିକ ହସ୍ତଗତ ହୋଇଛି । ଏହା ବ୍ୟତୀତ ୪ ଲକ୍ଷ ୫୬ ହଜାର ୫୦୦ କୋଟି ଟଙ୍କାର ଉତ୍ପାଦନ ଲକ୍ଷ୍ୟ ପାଇଁ ୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଉତ୍ପାଦନ ନେଇ ପ୍ରସ୍ତାବ ମିଳିଛି ।

**V/O-3-ASHWINI-VAISHNAV**

ଶ୍ରୀ ବୈଷ୍ଣବ କହିଛନ୍ତି, ଏହାଦ୍ୱାରା ଦେଶରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି କ୍ଷେତ୍ର ଗତିଶୀଳ ହେବ । ଗତ ମେ ମାସ ପହିଲାରୁ ତିନି ମାସ ପର୍ଯ୍ୟନ୍ତ ଆବେଦନପତ୍ର ଦାଖଲ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହାକୁ ବୃଦ୍ଧି କରାଯାଇଥିଲା ।

# ଜିଏସ୍‌ଟି-ରିଫର୍ମସ୍ ଟୁରିଜିମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତ ମାସ ୨୨ ତାରିଖରେ ଘୋଷିତ ହୋଇଥିବା ଜି.ଏସ୍.ଟି. ସଞ୍ଚୟ ଉତ୍ସବ ସମାଜର ବିଭିନ୍ନ ବର୍ଗଙ୍କୁ ସୁଫଳ ପ୍ରଦାନ କରୁଛି । ପରବର୍ତ୍ତି ପିଢ଼ି ଜି.ଏସ୍.ଟି. ସଂସ୍କାର ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳ କରିଛି । ସାମଗ୍ରୀ ଏବଂ ସେବା ଉପରେ ଟିକସ ହାର ହ୍ରାସ ନାଗରୀକଙ୍କୁ ପ୍ରୋତ୍ସାହନ ପ୍ରଦାନ କରୁଛି ।

ପର୍ଯ୍ୟଟନ କ୍ଷେତ୍ରରେ ଜି.ଏସ୍.ଟି. ହାର ହ୍ରାସ ସମ୍ପର୍କରେ ଆଜି ଆସନ୍ତୁ ଜାଣିବା ।

ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ସରକାର ଭାରତର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସୁଲଭ କରିବା ସହ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି । ଜି.ଏସ୍.ଟି. ହାର ହ୍ରାସ ଦ୍ୱାରା କାରିଗର ଏବଂ ସାଂସ୍କୃତିକ ଶିଳ୍ପ ସୁଫଳ ପାଉଛନ୍ତି । ଦୈନିକ ୭ ହଜାର ୫୦୦ ଟଙ୍କାରୁ କମ୍ ମୂଲ୍ୟର ହୋଟେଲ କୋଠରୀ ଉପରେ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଜି.ଏସ୍.ଟି. ହାର ହ୍ରାସ ଯୋଗୁଁ ଆନ୍ତର୍ଜାତିକ ପର୍ଯ୍ୟଟକଙ୍କର ଭାରତ ପ୍ରତି ଆକର୍ଷଣ ବୃଦ୍ଧି ପାଉଛି । ୧୦ରୁ ଅଧିକ ଯାତ୍ରୀ କ୍ଷମତା ବିଶିଷ୍ଟ ପରିବହନ ଯାନ ଉପରେ ଟିକସ ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ ହୋଇଛି । ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବା ସହ ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପ୍ରଦୂଷଣ ହ୍ରାସରେ ଉପଯୋଗୀ ସାବ୍ୟସ୍ତ ହୋଇଛି ।

## ଆୟୁଶ-ଧନନ୍ତ୍ୱରୀ ଆୱାର୍ଡ଼

ଆୟୁର୍ବେଦ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଧନନ୍ତ୍ୱରୀ ଆୟୁର୍ବେଦ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି । ପୁରସ୍କୃତଙ୍କ ମଧ୍ୟରେ ପ୍ରଫେସର ବନୱାରୀ ଲାଲ

ଗୌର, ବୈଦ୍ୟ ନିଲକନ୍ଦନ ମୁସ୍ ଇ.ଟି. ଏବଂ ବୈଦ୍ୟ ଭାବନା ପ୍ରସାର ଅଛନ୍ତି । ଶୈକ୍ଷିକ, ପାରମ୍ପରିକ ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ଉପରେ ଆୟୁର୍ବେଦ କ୍ଷେତ୍ରରେ ଏହି ପୁରସ୍କାର ତିନି ପୁରସ୍କାର ବିଜେତା ଦୀର୍ଘ ଦିନର ଅଭିଜ୍ଞତା ଲବ୍ଧ ଜ୍ଞାନର ପରିଚୟ ପ୍ରଦାନ କରିଛନ୍ତି । ଆୟୁଷ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଏହି ପୁରସ୍କାର ବ୍ୟକ୍ତିଗତ ଭାବେ ଆୟୁର୍ବେଦର ବିକାଶ, ସଂରକ୍ଷଣ ଏବଂ ଅଗ୍ରଣୀ ଭୂମିକା ନିମନ୍ତେ ପ୍ରଦାନ କରାଯାଇଥାଏ ।

## ସେବା ପର୍ବ – ଅପରେସନ ସିନ୍ଦୂର

ସେବା ଏବଂ ସୁ-ଶାସନ ଅର୍ଥାତ୍ ଜନସେବା ଓ ସୁ-ଶାନର ମନ୍ତ୍ର ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଦେଶରେ ପରିବର୍ତ୍ତନ ଓ ପ୍ରଗତି ଆଣିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖୁଛନ୍ତି । ସ୍ୱତନ୍ତ୍ର ସେବା ପର୍ବ କାର୍ଯ୍ୟକ୍ରମରେ ଆଜି ଆସନ୍ତୁ ଶୁଣିବା ଅପରେସନ୍ ସିନ୍ଦୂର ମାଧ୍ୟମରେ ଜାତୀୟ ସୁରକ୍ଷା, ସାମରିକ ଶକ୍ତି ଏବଂ ସ୍ୱଦେଶୀ ପ୍ରଯୁକ୍ତି ବିଦ୍ୟାରେ ଉତ୍କର୍ଷତା ପ୍ରତି ଭାରତର ଅଟଳ ପ୍ରତିବଦ୍ଧତାକୁ ସରକାର କରିଥିବା ପ୍ରଦର୍ଶନ ସମ୍ପର୍କରେ ।

**Seba Parba Opening**

ଭାରତ କେବଳ ଏକ ଶାନ୍ତି ପ୍ରିୟ ରାଷ୍ଟ୍ର ଭାବରେ ନୁହଁ ବରଂ ଏକ ଦୃଢ଼, ନିର୍ଣ୍ଣାୟକ ଓ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଆତ୍ମନିର୍ଭରଶୀଳ ଦେଶ ଭାବେ ବିଶ୍ୱସ୍ତରରେ ପରିଗଣିତ ହେଉଛି । ଲୋକସଭାରେ ଅପରେସନ ସିନ୍ଦୂର ଉପରେ ହୋଇଥିବା ସ୍ୱତନ୍ତ୍ର ଆଲୋଚନାକାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଏହି ସାମରିକ ପଦକ୍ଷେପ ଭାରତର ପରିବର୍ତ୍ତିତ ପ୍ରତିଛବିକୁ ବିଶ୍ୱସ୍ତରରେ ପ୍ରତିପାଦନ କରିଛି ।

**V/O-PM**

ଅପରେସନ ସିନ୍ଦୂର ମାଧ୍ୟମରେ ଭାରତୀୟ ସଶସ୍ତ୍ର ବାହିନୀ ଏହାର ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ଦକ୍ଷତାକୁ ପ୍ରଦର୍ଶନ କରିଥିଲା । ସ୍ୱଦେଶୀ ନିର୍ମିତ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏବଂ ବ୍ରହ୍ମୋସ କ୍ଷେପଣାସ୍ତ୍ର ଏହି ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ପାକିସ୍ତାନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏବଂ ପ୍ରମୁଖ ରଣନୈତିକ ପ୍ରତିଷ୍ଠାନ ଗୁଡ଼ିକ ଧ୍ୱଂସସ୍ତୁପରେ ପରିଣତ ହୋଇଥିଲା ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମହେନ୍ଦ୍ର କୁମାର ମାଝୀ ।

## ଛତିଶଗଡ଼-ସରେଣ୍ଡର

ଛତିଶଗଡ଼ ବିଜାପୁର ଜିଲ୍ଲାରେ ଆଜି ୧୦୩ ଜଣ ମାଓବାଦୀ ସୁରକ୍ଷା ବାହିନୀ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୨୩ ଜଣ ମହିଳା ଅନ୍ତର୍ଭୁକ୍ତ । ଆତ୍ମ ସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୪୯ ଜଣଙ୍କ ଉପରେ ମିଳିତ ଭାବେ ୧ କୋଟି ୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ବିଭିନ୍ନ ମାଓ କାର୍ଯ୍ୟକଳାପରେ ଗତ କିଛି ବର୍ଷ ଧରି ଏହି ମାଓବାଦୀମାନେ ଜଡ଼ିତ ଥିବା ଜଣାପଡ଼ିଛି । ରାଜ୍ୟ ସରକାରଙ୍କ ଥଇଥାନ ଯୋଜନା ଅଧୀନରେ ଆତ୍ମସମର୍ପଣ କରିଥିବା ପ୍ରତ୍ୟେକ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ମୂଳକ ରାଶି ପ୍ରଦାନ କରାଯାଇଛି । ଚଳିତ ବର୍ଷ ବିଜାପୁର ଜିଲ୍ଲାରେ ଏ ପର୍ଯ୍ୟନ୍ତ ମୋଟ୍ ୪୧୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ୪୨୧ ଜଣ ଗିରଫ୍ ହୋଇଛନ୍ତି । ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ଏ ପର୍ଯ୍ୟନ୍ତ ୧୩୭ ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଥିବା ସୁରକ୍ଷା ବାହିନୀ ସୂତ୍ରରୁ ଜଣାପଡ଼ିଛି ।

## ଟେଷ୍ଟ ସିରିଜ୍

ଅହମ୍ମଦାବାଦ ଟେଷ୍ଟରେ ଆଜିର ଷ୍ଟମ୍ପ୍ ଅପସାରଣ ବେଳକୁ ଭାରତ ତାର ପ୍ରଥମ ଇନିଂସରେ ୨ ଓ୍ୱିକେଟ୍ ବିନିମୟରେ ୧୨୧ ରନ୍ ସଂଗ୍ରହ

କରିଛି । କେ.ଏଲ୍. ରାହୁଲ ୫୩ରନ୍ ଏବଂ ଅଧିନାୟକ ଶୁଭମନ ଗିଲ୍ ୧୮ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି । ଭାରତ-ୱେଷ୍ଟଇଣ୍ଡିଜ୍ ୨ଟିକିଆ ଚଳିତ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି । ୱେଷ୍ଟଇଣ୍ଡିଜ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମ ଇନିଂସରେ ସମସ୍ତ ୱିକେଟ୍ ହରାଇ ୧୬୨ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ମହମ୍ମଦ ସିରାଜ୍ ୪ଟି, ଯଶପ୍ରିତ ବୁମ୍‌ରା ୩ଟି, କୁଲଦୀପ ଯାଦବ ୨ଟି ଏବଂ ୱାଶିଂଟନ୍ ସୁନ୍ଦର ଗୋଟିଏ ୱିକେଟ୍ ହାସଲ କରିଛନ୍ତି ।